# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ



ତିଗିରିଆ, ୯।୪(ସମିସ): ତିଗିରିଆ ବ୍ଲକ ଅନ୍ତର୍ଗତ ବିନ୍ଧାଣିମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଉତ୍ସବରେ ବିଦ୍ୟାମନ୍ଦିରର ସଭାପତି ନିରଞ୍ଜନ ପ୍ରସାଦ ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଜେପି ନେତା ଅଭୟ ବାରିକ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଧର୍ମ ଜାଗରଣ ମଞ୍ଚର ସଭାପତି ଶରତ ପାଣିଗ୍ରାହୀ, ସମ୍ମାନିତ ଅତିଥିଭାବେ ସାଂସଦ ପ୍ରତିନିଧି ସୂର୍ଯ୍ୟକାନ୍ତ ଧଳ, ଗୌରହରୀ ପ୍ରଧାନ, ମାନସ ସ୍ୱାଇଁ ଓ ବାବୁଲି ରାଉତ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟ ନିଶାକର ବେହେରା ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ। ବିଦ୍ୟାମନ୍ଦିରର ସମ୍ପାଦିକା ଶୁଭସ୍ମିତା ପଟ୍ଟନାୟକଙ୍କ ସହିତ ସମସ୍ତ ଗୁରୁମା, ଗୁରୁଜୀ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ମାହାଙ୍ଗା ବ୍ଲକ୍ କଂଗ୍ରେସର ଗାଁ ଅଭିଯାନ

ଭଦ୍ରେଶ୍ୱର, ୯।୪(ସମିସ): ମାହାଙ୍ଗା ବ୍ଲକରେ ଦୁର୍ବଳ ନେତୃତ୍ୱ ଯୋଗୁ କଂଗ୍ରେସର ଦୟନୀୟ ସ୍ଥିତି ହୋଇଛି। ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସେକ ମତଲୁବ ଅଲ୍ଲୀଙ୍କ ନେତୃତ୍ୱରେ ମାହାଙ୍ଗାରେ ବ୍ୟାପକ ଉନ୍ନୟନମୂଳକ କାର୍ଯ୍ୟ ହୋଇଥିଲା। ଏହି ପରିପ୍ରେକ୍ଷୀରେ ମାହାଙ୍ଗା ବ୍ଲକ କଂଗ୍ରେସ କମିଟି ତରଫରୁ ଖନ୍ଦୋଳଠାରେ ନବନିଯୁକ୍ତ ବ୍ଲକ୍ କଂଗ୍ରେସ ସଭାପତି ଦୀପକ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗାର ସମୃଦ୍ଧି ଓ ବିକାଶ ପାଇଁ ନୂତନ କଂଗ୍ରେସ କମିଟି ପ୍ରତି ଗାଁରେ କଂଗ୍ରେସର ବାର୍ତ୍ତା ପହଞ୍ଚାଇବାଇବାକୁ ନିଷ୍ପତ୍ତି ହୋଇଥିବା ସୂଚନା ଦିଆଯାଇଛି। ସେକ ମାସୁଦ ଅଲ୍ଲୀ, ଉପସଭାପତି ନାଟ୍ୟକାର ମନୋଜ କୁମାର ପଣ୍ଡା, ସମ୍ପାଦକ ମାନସ ରଞ୍ଜନ ଦାସ, ଅରୁଣ ନାଥ, ରଞ୍ଜନ ପ୍ରଧାନ, ରୂପେନ୍ଦ୍ର ମୋହନ ଜେନା, ସାଧାରଣ ସମ୍ପାଦକ ସୁକାନ୍ତ ନନ୍ଦ, ଯୁବନେତା ସେକ ସୌକତ ଅଲ୍ଲୀ, ସଂଗ୍ରାମ ସାମଲ, ନଳିନୀକାନ୍ତ ନାୟକ, ସେକ କଲିମୁଲ୍ଲା, ସେକ ମଞ୍ଜୁର ଅଲ୍ଲୀ, ଆକାଶ ପ୍ରଧାନ, ଦୀପନ ନାୟକ, ଅରକ୍ଷିତ ପ୍ରଧାନ, ରବିନାରାୟଣ ସାହୁଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।



# ଆନନ୍ଦ ଏକାଡେମୀର ବାର୍ଷିକ ଉତ୍ସବ



ନରସିଂହପୁର, ୯।୪(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ପାଇକପଡାପାଟଣାସ୍ଥିତ ଆନନ୍ଦ ଏକାଡେମୀର ଶିକ୍ଷା ଅନୁଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୁରସ୍କାର ବିତରଣ ଉତ୍ସବରେ ଶିକ୍ଷକ ଧନେଶ୍ୱର ରାଉତ, ବିଭୁ ପ୍ରସାଦ ଜେନା, ଅମୀୟ ରଞ୍ଜନ ଜେନା, ଜିତେନ୍ଦ୍ର ସାହୁ, ବଳରାମ ନାୟକ, ମାନସ ସାହୁ, ଦୀପକ ରଞ୍ଜନ ଦାଶ, ଦିବ୍ୟଜ୍ୟୋତି ଦାସ, ନୀଳମଣି ସାହୁ, ଶିକ୍ଷୟିତ୍ରୀ ଶୁଭସ୍ମିତା ନାୟକ, ସସ୍ମିତା ବେହେରା, ମୋନାଲିସା ମହାନ୍ତି, ସୁଦୀପ୍ତା କର, ଦୀପ୍ତିମୟୀ ସାହୁ, ସୁନତି ସାମଲ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତିତ୍ୱ ଅର୍ଜନ କରିଥିବା ୪୨ ଜଣ ଛାତ୍ରଛାତ୍ରୀଙ୍କୁ ଟ୍ରଫି ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ରତ୍ନପୂର୍ଣ୍ଣା ଦାସ ଧନ୍ୟବାଦ ଦେଇଥିଲେ।

## କେନାଲ କଂକ୍ରିଟ୍ ଲାଇନିଂ ପାଇଁ ପୋତି ହେଲା ନାଳ

# ଆବର୍ଜନା ପାଣି ଘେରରେ ୪ ଦେବଦେବୀ ପୀଠ

ନିଶ୍ଚିନ୍ତକୋଇଲି, ୯।୪(ସମିସ):

କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଆଦର୍ଶ ହାଟରେ ଜଳ ନିଷ୍କାସନ ବ୍ୟବସ୍ଥାର ଚରମ ବିଫଳତା ଦେଖିବାକୁ ମିଳିଛି। ପ୍ରଶାସନିକ ଅବହେଳା ଓ ଅଦୂରଦର୍ଶିତା ଯୋଗୁଁ ହାଟର

- ଉନ୍ନତୀକରଣ ନାଁରେ କୋଟି କୋଟି ଟଙ୍କା ସ୍ୱାହା
- ସାମାନ୍ୟ ବର୍ଷାରେ ବେହାଲ୍ ସାପ୍ତାହିକ ହାଟ

ଉତ୍ତର ପାଶ୍ୱର୍ରେ ଥିବା ଚାରୋଟି ପ୍ରମୁଖ ଦେବାଦେବୀ ପୀଠ ଏବେ ନର୍ଦ୍ଦମା ପାଣି ଘେରରେ ରହିଛି। ଗୁରୁବାର ସକାଳେ ହୋଇଥିବା ସ୍ୱଳ୍ପ ବର୍ଷାରେ ହାଟର ସମସ୍ତ





ଆବର୍ଜନା ପାଣି ନିଷ୍କାସିତ ହୋଇ ନ ପାରି ମନ୍ଦିର ପରିସରରେ ଜମି ରହିବାରୁ ଏକ ଅତ୍ୟନ୍ତ ଦୟନୀୟ ଓ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି।

ସୂଚନା ଅନୁଯାୟୀ, ପୂର୍ବ ସରକାର ଅମଳରେ କୋଟି କୋଟି ଟଙ୍କା ବ୍ୟୟରେ ଏହି ହାଟର ଉନ୍ନତିକରଣ କରାଯାଇଥିଲା। କିନ୍ତୁ ସେତେବେଳେ ସ୍ଥାୟୀ ଜଳ ନିଷ୍କାସନ ବ୍ୟବସ୍ଥା ନ କରି ହାଟର ଆବର୍ଜନା ପାଣିକୁ ୮(ସି)୧ ଶାଖା କେନାଲକୁ ଛାଡ଼ି ଦିଆଯାଇଥିଲା। ବର୍ତ୍ତମାନ ବିଜେପି ସରକାରଙ୍କ ପକ୍ଷରୁ ଚାଷ ଜମିକୁ ଜଳ ଯୋଗାଣ ପାଇଁ କେନାଲର କଂକ୍ରିଟ୍ ଲାଇନିଂ କାର୍ଯ୍ୟ କରାଯାଉଥିବାରୁ ହାଟର ସଂଯୋଗୀକରଣ ନାଳିକୁ ସମ୍ପୂର୍ଣ୍ଣ ପୋତି ଦିଆଯାଇଛି। ଫଳରେ ବର୍ଷା ଜଳ ଓ ନର୍ଦ୍ଦମା ପାଣି ବାହାରି ନ ପାରି ହାଟର ଉତ୍ତର ପାଶ୍ୱର୍ ଖାଲୁଆ ଅଞ୍ଚଳରେ ଲହଡ଼ି ମାରୁଛି। ଏହି ଆବର୍ଜନା ପାଣି ଘେରରେ ତାରିଣୀ ମନ୍ଦିର, ହନୁମାନ ମନ୍ଦିର, ରଘୁନାଥଜୀୟୁ ମନ୍ଦିର ଓ ଶାରଳା ମେଳା ପୂଜା ମଣ୍ଡପ ରହିଛି। ପାଣି ଜମି ରହିଥିବାରୁ ଶ୍ରଦ୍ଧାଳୁମାନେ ମନ୍ଦିର ଭିତରକୁ ଯାଇ ପାରୁନାହାନ୍ତି ଏବଂ ଦୂରରୁ ଦର୍ଶନ କରି ଫେରୁଛନ୍ତି। କେବଳ ସେତିକି ନୁହେଁ, ୩ରୁ ୪ଟି ଦୋକାନ ଗୃହ ମଧ୍ୟରେ ନର୍ଦ୍ଦମା ପାଣି ପଶିଯାଇଥିବାରୁ ବ୍ୟବସାୟୀମାନେ ଅନେକ ହୀନସ୍ତା ଭୋଗୁଛନ୍ତି। ତାରିଣୀ ମନ୍ଦିର ସଂଲଗ୍ନ ନିଶ୍ଚିନ୍ତକୋଇଲି-ଲଳିତଗିରି ରାସ୍ତାର ପ୍ରାୟ ୫୦ ଫୁଟ୍ ପର୍ଯ୍ୟନ୍ତ ଖାଲୁଆ ଅଂଶରେ ଆଣ୍ଠୁଏ ପାଣି ଜମି ରହିଛି। ଏହାଦ୍ୱାରା ବାଟୋଇ ଓ ଗାଡ଼ି ଚାଳକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଏକ ସମ୍ବେଦନଶୀଳ ସମସ୍ୟା ପ୍ରତି ସ୍ଥାନୀୟ ପ୍ରଶାସନ ସମ୍ପୂର୍ଣ୍ଣ ଉଦାସୀନ ରହିଥିବା ଅଭିଯୋଗ ହୋଇଛି। ତୁରନ୍ତ ଏହାର ସ୍ଥାୟୀ ସମାଧାନ କରି ଜଳ ନିଷ୍କାସନ କରିବାକୁ ବ୍ୟବସାୟୀ, ଭକ୍ତ ଓ ଗ୍ରାମବାସୀଙ୍କ ପକ୍ଷରୁ ଜୋର୍‌ଦାର ଦାବି ହୋଇଛି।

## ମାହାଙ୍ଗାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା

# ସମସରପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଅଧୀକ୍ଷକଙ୍କ ଚଢ଼ଉ

ଭଦ୍ରେଶ୍ୱର, ୯।୪(ସମିସ): କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ଏହାକୁ ନେଇ ସାଧାରଣରେ

## ଭଦ୍ରେଶ୍ୱର ପ୍ରତି ଅବହେଳା ଅଭିଯୋଗ

ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁବାର ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ତନୁସ୍ମିତା ବିନ୍ଧାଣୀ ସମସରପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିବା ବେଳେ ଭଦ୍ରେଶ୍ୱର ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ଏବେ ମଧ୍ୟ ଶୋଚନୀୟ ହୋଇ ରହିଛି। ସୂଚନାଯୋଗ୍ୟ ଯେ, ସମସରପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ଫାର୍ମାସିଷ୍ଟଙ୍କ ଅନୁପସ୍ଥିତିରେ ଜଣେ ସୁଇପର ପ୍ରେସକ୍ରିପସନ୍ ଲେଖୁଥିବା ନେଇ ଖବର ପ୍ରକାଶ ପାଇଥିଲା। ଏହାକୁ ଗୁରୁତର ସହ ନେଇ ଅଧୀକ୍ଷକ ଶ୍ରୀମତୀ ବିନ୍ଧାଣୀ ସେଠାରେ ପହଞ୍ଚି ତଦନ୍ତ କରିବା ସହ ସମ୍ପୃକ୍ତ ଫାର୍ମାସିଷ୍ଟଙ୍କୁ "କାରଣ ଦର୍ଶାଅ' ନୋଟିସ୍ ଜାରି କରିଛନ୍ତି। ମାତ୍ର




ସକାଳ ପ୍ରଭାବ

ସମସରପୁର ଘଟଣାରେ ତତ୍ପରତା ପ୍ରକାଶ ପାଇଥିବା ବେଳେ ଭଦ୍ରେଶ୍ୱର ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ବିଭାଗୀୟ ଉଦାସୀନତାକୁ ନେଇ ପ୍ରଶ୍ନ ଉଠିଛି। ଭଦ୍ରେଶ୍ୱର ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ମାସ ଧରି ଡାକ୍ତର ଓ ଫାର୍ମାସିଷ୍ଟ ପଦ ଖାଲି ପଡ଼ିଛି। ଏଠାରେ ଜଣେ ଆୟୁଷ ଡାକ୍ତର ଏଲୋପାଥିକ ଚିକିତ୍ସା କରୁଥିବା ଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳୁଛି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ପ୍ରଶାସନ ଓ ରାଜନେତାଙ୍କ ନିକଟରେ ବାରମ୍ବାର ଗୁହାରି କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାଁନ୍ତି। ରୋଗୀମାନେ ନାହିଁ ନଥିବା ହନ୍ତସନ୍ତ ହେଉଥିବା ବେଳେ ଏହି ଅନିୟମିତତା ବିରୋଧରେ ସରକାର କେବେ ଦୃଷ୍ଟି ଦେବେ, ତାହାକୁ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି।

# ହନୁମାନଜୀଉଙ୍କ ପ୍ରତିଷ୍ଠା ଉତ୍ସବ ୧୨ରୁ

ନିଶ୍ଚିନ୍ତକୋଇଲି, ୯।୪(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ ନରୁଆ ଗ୍ରାମରେ ପରମ ପ୍ରେମମୟ ସଙ୍କଟ ମୋଚନହାରୀ ଶ୍ରୀ ଶ୍ରୀ ହନୁମାନଜୀଉଙ୍କ ୨୭ତମ ପ୍ରତିଷ୍ଠା ଦିବସ ଉତ୍ସବ ଚଳିତ ମାସ ୧୨ ତାରିଖରୁ ଆରମ୍ଭ ହୋଇ ୧୬ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ଉପଲକ୍ଷେ ଅଙ୍କୁରାରୋପଣ, କଳସ ଯାତ୍ରା, ପ୍ରତ୍ୟେକ ଦିନ ସୁନ୍ଦରକାଣ୍ଡ, ଚାଳିଶା, ବେଦପାଠ, ଗୋ ପୂଜା ଓ ଶେଷ ଦିନ ପୂର୍ଣ୍ଣାହୁତି ଇତ୍ୟାଦି କରାଯିବ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବ ବୋଲି ଶ୍ରୀ ଶ୍ରୀ ହନୁମାନଜୀଉ ଓ ଗଣେଶଜୀଉ ପରିଚାଳନା କମିଟି ତରଫରୁ ରଞ୍ଜନ ମହାନ୍ତି ସୂଚନା ଦେଇଛନ୍ତି। ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗଦେବା ପାଇଁ ଅନୁରୋଧ କରାଯାଇଛି।

# ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

ଟାଙ୍ଗୀ, ୯।୪(ସମିସ): ଗୁରୁବାର ଅପରାହ୍ନରେ ୧୬ନଂ ଜାତୀୟ ରାଜପଥ ଟାଙ୍ଗୀ ଥାନା ଗୋବିନ୍ଦପୁର ଛକ ନିକଟରେ ସଡ଼କ ଦୁର୍ଘଟଣା ଘଟି ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜାତୀୟ ରାଜପଥ ପ୍ରହରା ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ନିମନ୍ତେ କଟକ ବଡ଼ ଡାକ୍ତରଖାନା ପ୍ରେରଣ କରିଛନ୍ତି। ଟାଙ୍ଗୀ ପୁଲିସ ତଦନ୍ତ ଆରମ୍ଭ କରିଛି। ପରିଚୟ ମିଳି ନ ଥିଲେ ହେଁ ବାଇକ୍ ଆରୋହୀ ଜଣକ ଛତିଆରୁ ଭୁବନେଶ୍ୱର ଫେରୁଥିବା ସୂଚନା ମିଳିଛି।

# ସିଦ୍ଧିବିନାୟକଙ୍କ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ



କଟକ, ୯।୪(ସମିସ): କଟକ ମହାନଗର ନିଗମ ୫୬ ନମ୍ବର ୱାର୍ଡ ଅନ୍ତର୍ଗତ କାଜିପାଟଣା ଗ୍ରାମରେ ସିଦ୍ଧି ବିନାୟକଙ୍କ ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମ ଶୁକ୍ରବାର ଶେଷ ହେବ। ୭ ତାରିଖରୁ ଚାଲିଥିବା ଏହି କାର୍ଯ୍ୟକ୍ରମରେ ବ୍ରତଧାରୀମାନେ ମୁକାମେଶ୍ୱର ନିକଟ କାଠଯୋଡି ନଦୀରୁ କଳସରେ ଜଳ ଆଣି ମୁକାମେଶ୍ୱର, କାଜିପାଟଣା ଆଦି ଗ୍ରାମର ବିଭିନ୍ନ ସାହି ପରିକ୍ରମା କରିବାପରେ ଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ। ଗୁରୁବାର ସୂର୍ଯ୍ୟପୂଜା, ଗୋପୂଜା ଓ ଷୋଡ଼ଶୋପଚାର ପୂଜା ଓ ସନ୍ଧ୍ୟାରେ ପାଲା ଅନୁଷ୍ଠିତ ହୋଇଥିଲା। ଯଜ୍ଞରେ ମୁଖ୍ୟକର୍ତ୍ତା ଭାବେ ଜିତେନ୍ଦ୍ର ବେଉରା ଓ ତାଙ୍କ ସହଧର୍ମିଣୀ ପ୍ରଣତୀ ବେଉରା ଯୋଗଦେଉଥିବାବେଳେ ମୁଖ୍ୟପୂଜକ ଭାବେ ବ୍ରହ୍ମାନନ୍ଦ ହୋତା ତାଙ୍କ ସହଯୋଗୀ ଦିଲ୍ଲୀପ ପଣ୍ଡା, ସୁକାନ୍ତ ଦାଶ, ପ୍ରଶାନ୍ତ ଶତପଥୀ, ପ୍ରଶାନ୍ତ ରଥ ପ୍ରମୁଖ ଯଜ୍ଞ କାର୍ଯ୍ୟ କରିଥିଲେ। ହୃଦାନନ୍ଦ ସ୍ୱାଇଁ, ସୁଲୟ ମହାନ୍ତି, ପ୍ରଭାତ ଦାସ, ନିଲୁ ସ୍ୱାଇଁ, ସୁବାସ ସ୍ୱାଇଁ, ଶିବପ୍ରସାଦ ମହାନ୍ତି, ବୈଦ୍ୟନାଥ ସାହୁ, ମହେଶ ମୁଦୁଲି, ଲଲୁ ସ୍ୱାଇଁ, ମନୋଜ ବେଉରା, ଧନୁଜ ବେଉରା ସହଯୋଗ କରିଥିଲେ।

# ଡ୍ରିମ୍ସ ବିଶ୍ୱବିଦ୍ୟାଳୟରେ ସ୍ୱ-ଗଣନା ସଚେତନତା



କଟକ, ୯।୪(ସମିସ): ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଭାରତର ପ୍ରଥମ ଡିଜିଟାଲ ଜନଗଣନା ଅନ୍ତର୍ଗତ ସ୍ୱ-ଗଣନା ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପଦ୍ମିନୀ ଅଡିଟୋରିୟମ୍‌ରେ ଆୟୋଜିତ କାର୍ଯ୍ୟକ୍ରମରେ ଟାଙ୍ଗୀ-ଚୌଦ୍ୱାର ଅତିରିକ୍ତ ତହସିଲଦାର ପ୍ରଜ୍ଞା ପାରମିତା ପଣ୍ଡା ମୁଖ୍ୟଅତିଥି ଭାବରେ ଜଣେ ସଚେତନ ନାଗରିକ ହିସାବରେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ଲାଗି ସମସ୍ତଙ୍କ ସହଯୋଗ କାମନା କରିବା ସହିତ ସ୍ମାର୍ଟଫୋନ୍ ମାଧ୍ୟମରେ କିଭଳି ସ୍ୱ-ଗଣନା ପୋର୍ଟାଲରେ କିଭଳି ନିଜେ ନିଜର ତଥ୍ୟ ଅପଲୋଡ୍ କରି ହେବ ସେ ସଂପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ବରିଷ୍ଠ ରାଜସ୍ୱ ସହକାରୀ ଜ୍ଞାନରଞ୍ଜନ ସେଠୀ, ଅବିନାଶ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଓ ପଦାଧିକାରୀ ଉପସ୍ଥିତ ଥିଲେ।

# ଦାଣ୍ଡଯାତ୍ରାକୁ କେନ୍ଦ୍ରକରି ୨ ଗ୍ରାମର ବିବାଦ

ଭଦ୍ରେଶ୍ୱର, ୯।୪(ସମିସ): ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ଗ୍ରାମପଞ୍ଚାୟତ ଅଧୀନରେ ଦାଣ୍ଡଯାତ୍ରା ପାଳନକୁ କେନ୍ଦ୍ର କରି ୨ ଗ୍ରାମ ମଧ୍ୟରେ ବିବାଦର ସୂତ୍ରପାତ ହୋଇଛି। ଏହି ଘଟଣାକୁ କେନ୍ଦ୍ରକରି ସାଧାରଣରେ ଉତ୍ତେଜନା ପ୍ରକାଶ ପାଇଛି। ପୁଲିସ ତରଫରୁ ଏହି ଘଟଣା ଉପରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା କାରଣରୁ ସାଧାରଣରେ ପୁଲିସ ପ୍ରଶାସନ ପ୍ରତି ବିଶ୍ୱାସ ତୁଟିବାରେ ଲାଗିଛି। କିଛି ଯୁବକ ଦାଣ୍ଡଯାତ୍ରା ବେଳେ ଅତ୍ୟନ୍ତ ଅଶାଳୀନ ନୃତ୍ୟ ଓ ଦୁଇ ଅର୍ଥବୋଧକ ଗୀତ ପରିବେଷଣ କରିବା କାରଣରୁ ସାହାନିଆଜପୁର ଓ ଗୋବିନ୍ଦପୁର ଗ୍ରାମ ମଧ୍ୟରେ ବିବାଦର ସୂତ୍ରପାତ ହୋଇଥିଲା। ଏ ସମ୍ପର୍କରେ ଗୋବିନ୍ଦପୁର ଭଗବତୀ କମିଟିର ସଦସ୍ୟମାନେ ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣା ଉପରେ ରାଜନୈତିକ ଚାପ ପକାଯାଉଥିବା କାରଣରୁ ପୁଲିସ ପାଇଁ ଏହା ଚିନ୍ତା ଓ ମୁଣ୍ଡବ୍ୟଥାର କାରଣ ପାଲଟିଛି। ପ୍ରଶାସନ ତରଫରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଏଠାରେ ଦୁଇ ଗୋଷ୍ଠୀ ମଧ୍ୟରେ ଏକ ବଡଧରଣର ଗଣ୍ଡଗୋଳ ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ବିପଦସଙ୍କୁଳ କେନାଲ ବନ୍ଧ ସେତୁ



ଭଦ୍ରେଶ୍ୱର, ୯।୪(ସମିସ): ମାହାଙ୍ଗା ବ୍ଲକ ଗୋପାଳପୁର ଗ୍ରାମପଞ୍ଚାୟତ ବେଗୁନିଆଁପଦା ନିକଟରେ ଏକ କେନାଲ ବନ୍ଧ ସେତୁ ବିପଦସଙ୍କୁଳ ଅବସ୍ଥାରେ ରହିଥିବାର ଅଭିଯୋଗ ହୋଇଛି। ଏହାର ପ୍ରତିକାର ଦିଗରେ ବିଭାଗୀୟସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଗୋପାଳପୁର ବେଗୁନିଆଁପଦା ଗ୍ରାମ ଦେଇ ୯ ନମ୍ବର କେନାଲର ଏକ ଶାଖା କେନାଲ ଯାଇଛି। ଏହି ଶାଖା କେନାଲ ଉପରେ ଦୀର୍ଘଦିନ ହେଲା ଏକ ସେତୁ ସରକାରଙ୍କ ତରଫରୁ ନିର୍ମାଣ କରାଯାଇଥିଲା। ଏହି ସେତୁ ଉପରେ ଗମନା ଗମନ କରିବା ନିମନ୍ତେ ଦୈନନ୍ଦିନ ଶହ ଶହ ଲୋକ, ସ୍କୁଲ କଲେଜ ଛାତ୍ରଛାତ୍ରୀ ଓ ଅଙ୍ଗନବାଡିର କୋମଳମତି ଶିଶୁମାନେ ନିର୍ଭର କରିଥାନ୍ତି। ଦୀର୍ଘ ଦିନ ହେଲା ଏହି ସେତୁଟି ବିପଦସଙ୍କୁଳ ଅବସ୍ଥାରେ ରହିଛି। ସେତୁଟି ଯେକୌଣସି ମୁହୂର୍ତ୍ତରେ ଭୁଶୁଡ଼ି ଯିବାର ଆଶଙ୍କା ରହିଛି। ପ୍ରଶାସନ ତରଫରୁ ତୁରନ୍ତ ଏହି ସେତୁକୁ ପୁନଃ ନିର୍ମାଣ କରାଯିବା ପାଇଁ ସାଧାରଣରେ ଦୃଢ ଦାବି ହୋଇଛି।

## ଶ୍ରୀ ଶ୍ରୀ ଗୋପୀନାଥ ଦେବଙ୍କ ଚନ୍ଦନ ମହୋତ୍ସବ ପ୍ରସ୍ତୁତି ଜୋର୍‌ଦାର

# ସମ୍ପୂର୍ଣ୍ଣ ଡିଜେମୁକ୍ତ ହେବ ମହୋତ୍ସବ

ବଡ଼ମ୍ବା, ୯।୪(ସମିସ):

ବଡ଼ମ୍ବାର ଅଧିଷ୍ଠାତ୍ରୀ ଦେବତା ଶ୍ରୀ ଶ୍ରୀ ଗୋପୀନାଥ ଦେବଙ୍କ ସୁପ୍ରସିଦ୍ଧ ଚନ୍ଦନ ଯାତ୍ରା ତଥା ଚନ୍ଦନ ମହୋତ୍ସବ ପାଇଁ ପ୍ରଶାସନିକସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ବଡ଼ମ୍ବା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଦେବୋତ୍ତର

## ମଇ ୪ରୁ ୧୦ ଯାଏଁ ସାଂସ୍କୃତିକ କାର୍ଯ୍ୟକ୍ରମ

ଅଧିକାରୀ ତଥା ତହସିଲଦାର ପ୍ରମୋଦ କୁମାର ବାସ୍କେଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ମହୋତ୍ସବକୁ ଅଧିକ ଶୃଙ୍ଖଳିତ ଏବଂ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳନ




କରିବାକୁ ବୈଠକରେ ବ୍ୟାପକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଛି। ଚଳିତ ବର୍ଷ ମହୋତ୍ସବର ମୁଖ୍ୟ ଆକର୍ଷଣ ପାଲଟିଛି ପ୍ରଶାସନର 'ଡିଜେ ମୁକ୍ତ' ନିଷ୍ପତ୍ତି। ଆଠଗଡ଼ ଉପଜିଲ୍ଲାପାଳଙ୍କ ସତ୍ୟପାଠ ଅନୁଯାୟୀ, ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ଚଳିତ ବର୍ଷ ଚନ୍ଦନ ମହୋତ୍ସବରେ ସମ୍ପୂର୍ଣ୍ଣ ଭାବେ ଡିଜେ ବଜାଇବା ଉପରେ କଟକଣା ଲାଗୁ କରାଯାଇଛି। ବଡ଼ମ୍ବା ଥାନାଧିକାରୀ ପରମାନନ୍ଦ ନାୟକଙ୍କ ଏହି ଆହ୍ୱାନକୁ ଉପସ୍ଥିତ ସମସ୍ତ ସଭ୍ୟ ଧ୍ୱନି ମତରେ ଅନୁମୋଦନ କରିଛନ୍ତି। ଏହି ବୈଠକରେ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି ଓ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ପଟ୍ଟାୟତ ତ୍ରିଭୁବନ ଚନ୍ଦ୍ର ଦେବ ଉପସ୍ଥିତ ଥିଲେ। ଅକ୍ଷୟ ତୃତୀୟା ଠାରୁ ଠାକୁରଙ୍କ ନୀତିକାନ୍ତି ଆରମ୍ଭ ହେବାକୁ ଥିବା ବେଳେ ଆସନ୍ତା ମଇ ୪ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ମୁଖ୍ୟ ମହୋତ୍ସବ ଅନୁଷ୍ଠିତ ହେବ। ସ୍ୱାସ୍ଥ୍ୟ, ପରିମଳ, ବିଦ୍ୟୁତ, ଜଳ ଯୋଗାଣ ଏବଂ ଜଙ୍ଗଲ ବିଭାଗର ଅଧିକାରୀମାନେ ମହୋତ୍ସବ ସମୟରେ ନିଜ ନିଜ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ବିଧାୟକ ଶ୍ରୀ ଦଳବେହେରା ସମସ୍ତ ବିଭାଗୀୟ କାର୍ଯ୍ୟକୁ ମହୋତ୍ସବ ପୂର୍ବରୁ ସାରିବାକୁ ନିର୍ଦ୍ଦେଶ ଦେବା ସହ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି। ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ଅନିଲ ରଣା, ସମ୍ପାଦକ ରାକେଶ ମହାପାତ୍ର ଏବଂ ଦେବୋତ୍ତର ବିଭାଗର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଆମ୍ବ ଅଧ୍ୟକ୍ଷ ମହେନ୍ଦ୍ର କୁମାର ପଡ଼ିଆରୀ ଧନ୍ୟବାଦ ଦେଇଥିଲେ।

# ନଖପଡ଼ାରେ ରାବଣ ପୋଡ଼ି ଉତ୍ସବ

ନରସିଂହପୁର, ୯।୪(ସମିସ): ନରସିଂହପୁର ବ୍ଲକ ବାଲିସାହି ପଞ୍ଚାୟତ ଅନ୍ତର୍ଗତ ନଖପଡ଼ା ଗ୍ରାମରେ ପାରମ୍ପରିକ ରୀତିନୀତିରେ ରାବଣ ପୋଡ଼ି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ବିଜୟ କୁମାର ଦଳବେହେରା, ସମାଜସେବୀ ପ୍ରଦୀପ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଉତ୍ସବ ଅବସରରେ ଗ୍ରାମରୁ ରାମ, ଲକ୍ଷ୍ମଣ ଓ ରାବଣ ବେଶଧାରୀ କଳାକାରମାନେ ଏକ ଶୋଭାଯାତ୍ରାରେ ବାହାରି ସାରା ଗ୍ରାମ ଭ୍ରମଣ କରିବା ପରେ ପାଣିଖିଆ ପଡ଼ିଆରେ ପହଞ୍ଚିଥିଲେ। ସେଠାରେ ପାରମ୍ପରିକ ରାମ-ରାବଣ ନାଚ ପରିବେଷଣ କରାଯାଇଥିଲା। ରାତି ପ୍ରାୟ ୨ଟାରୁ ଆରମ୍ଭ ହୋଇଥିବା ରଙ୍ଗାରଙ୍ଗ ବାଣଫୁଟା କାର୍ଯ୍ୟକ୍ରମ ସକାଳ ୬ଟା ପର୍ଯ୍ୟନ୍ତ ଚାଲିଥିଲା, ଯାହା ଶ୍ରଦ୍ଧାଳୁ ଓ ଦର୍ଶକଙ୍କୁ ବେଶ୍ ଆକର୍ଷିତ କରିଥିଲା। ଗ୍ରାମ ସଭାପତି ବୈକୁଣ୍ଠ ଅମାନ୍ତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନେପାଳଚନ୍ଦ୍ର ସାହୁ, ଗଣେଶ ସାହୁ, ଜନାର୍ଦ୍ଦନ ଓଝା, ଗୋପବନ୍ଧୁ ବାରିକ ଏବଂ ମଙ୍ଗୁଲୁ ଚରଣ ସାହୁଙ୍କ ସମେତ ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ ଗତ ୨ ବର୍ଷ ହେବ ନଖପଡ଼ା ଗ୍ରାମରେ ଏହି ଉତ୍ସବ ପାଳିତ ହୋଇଆସୁଛି। ଚଳିତ ବର୍ଷ ଏହି ଯାତ୍ରା ଦେଖିବା ପାଇଁ ଆଖପାଖରୁ ୫ ହଜାରରୁ ଅଧିକ ଲୋକଙ୍କ ସମାଗମ ହୋଇଥିବା ବେଳେ ପଡ଼ିଆରେ ଅନେକ ଅସ୍ଥାୟୀ ଦୋକାନ ବଜାର ମଧ୍ୟ ଜମିଥିଲା।



● ପୁଲିସ ଓ ପ୍ରଶାସନର ନିଷ୍କ୍ରିୟତା

# ଦୁର୍ବୃତ୍ତ ଭାଙ୍ଗିଲେ ସିମେଣ୍ଟ ଖୁଣ୍ଟ ଓ ତାର ବାଡ଼

ନିଶ୍ଚିନ୍ତକୋଇଲି, ୯।୪(ସମିସ): ନିଶ୍ଚିନ୍ତକୋଇଲି ଥାନା ପୁଲିସ ଓ ସ୍ଥାନୀୟ ତହସିଲ ପ୍ରଶାସନର ଉଦାସୀନତା ଯୋଗୁଁ ଜଣେ ଅଭିଯୋଗକାରୀ ନ୍ୟାୟ ନ ପାଇ ହଇରାଣ ହେଉଥିବା ଅଭିଯୋଗ ହୋଇଛି। ନତକାଇ ଗ୍ରାମର ପ୍ରଶାନ୍ତ ବିଶ୍ୱାଳ ଓ ତାଙ୍କ ପରିବାରକୁ କିଛି ଦୁର୍ବୃତ୍ତ ବାରମ୍ବାର ହଇରାଣ କରୁଥିଲେ ମଧ୍ୟ ପୁଲିସ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ

## ଭୟଭୀତ ଅବସ୍ଥାରେ ପରିବାର

ଘଟଣାଟି ଜଟିଳ ରୂପ ଧାରଣ କରୁଛି। ସୂଚନାଯୋଗ୍ୟ ଯେ ଗ୍ରାମର କେତେକ ବ୍ୟକ୍ତି ସରକାରଙ୍କ ରକ୍ଷିତ ଜଳାଶ୍ରୟ-୨ (ପ୍ଲଟ ନଂ ୩୨୮୦)କୁ ଜବରଦଖଲ କରି ଗୃହ ନିର୍ମାଣ କରୁଥିଲେ। ଏହାକୁ ପ୍ରଶାନ୍ତ ବିରୋଧ କରି ତହସିଲଦାରଙ୍କୁ ଜଣାଇବା ପରେ ସେହି ବ୍ୟକ୍ତିମାନେ ଆକ୍ରୋଶମୂଳକ ଭାବେ ତାଙ୍କ ପରିବାରକୁ ଟାର୍ଗେଟ୍ କରିଛନ୍ତି। ପୂର୍ବରୁ ସେମାନେ ପ୍ରଶାନ୍ତଙ୍କ ବାଡ଼ିର ଗଛ କାଟିବା ସହ ଘରର ବିଦ୍ୟୁତ ବଲ୍ବ ଭାଙ୍ଗି ଧମକଚମକ ଦେଇଥିଲେ। ଏବେ ପୁଣି ଥରେ ଦୁର୍ବୃତ୍ତମାନେ ତାଙ୍କ ବାଡ଼ି ଚାରିପଟେ ଥିବା ସିମେଣ୍ଟ ଖୁଣ୍ଟ ଓ କଣ୍ଟା ତାରବାଡ଼କୁ ଭାଙ୍ଗି ଫୋପାଡ଼ି ଦେଇଛନ୍ତି। ଏନେଇ ପ୍ରଶାନ୍ତ ନିଶ୍ଚିନ୍ତକୋଇଲି ଥାନା, ତହସିଲଦାର, ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଅବଗତ କରାଇଛନ୍ତି। ପୁଲିସ ମାମଲା ରୁଜୁ କରିଥିଲେ ମଧ୍ୟ କୌଣସି ପଦକ୍ଷେପ



ନେଉ ନ ଥିବାରୁ ବିଶ୍ୱାଳ ପରିବାର ୨ ଏବେ ଚରମ ଭୟଭୀତ ଅବସ୍ଥାରେ ଦିନ କାଟୁଛନ୍ତି। ଜବରଦଖଲକାରୀଙ୍କ ବିରୋଧରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ, ଏହି ବିବାଦ ଭୟାଭୟ ରୂପ ନେଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

# ଆଠଗଡ଼ରେ ଫେଲ୍ ମାରିଲା ଧାନ କିଣା ଲକ୍ଷ୍ୟ

ଆଠଗଡ଼, ୯।୪(ସମିସ)

● ବିକ୍ରି କରିପାରିଲେନି ୫୦୦ରୁ ଅଧିକ ଚାଷୀ

● ବିଳମ୍ବରେ ମଣ୍ଡି ଖୋଲିବାରୁ ବେପାରୀଙ୍କୁ ଶାଗ ମାଛ ଦରରେ ଧାନ ବିକ୍ରି

ରାଜ୍ୟ ସରକାର ଚାଷୀଙ୍କ ହିତ ପାଇଁ ଅନେକ ଯୋଜନା କରୁଥିଲେ ହେଁ, ବାସ୍ତବ କ୍ଷେତ୍ରରେ ଆଠଗଡ଼ ଉପଖଣ୍ଡରେ ଧାନ କ୍ରୟ ଲକ୍ଷ୍ୟ ପୂରଣ ହୋଇପାରି ନାହିଁ। ପ୍ରଶାସନିକ ଅବହେଳା ଓ ମଣ୍ଡି ଖୋଲିବାରେ ବିଳମ୍ବ ଯୋଗୁଁ ଉପଖଣ୍ଡର ଚାରୋଟି ବ୍ଲକର ପ୍ରାୟ ୫୦୦ରୁ ଅଧିକ ପଞ୍ଜିକୃତ ଚାଷୀ ସରକାରଙ୍କୁ ଧାନ ବିକ୍ରି କରିବାରୁ ବଞ୍ଚିତ ହୋଇଛନ୍ତି। ସଅଳ କିସମର ଧାନ ଅମଳ ପରେ ଉଚିତ୍ ସମୟରେ ମଣ୍ଡି ଖୋଲି ନ ଥିବାରୁ ଅଭାବୀ ବିକ୍ରିର ଶିକାର ହୋଇ ଚାଷୀମାନେ ବେପାରୀଙ୍କୁ କମ୍ ଦରରେ ଧାନ ଟେକି ଦେଇଥିବା ଅଭିଯୋଗ ହୋଇଛି। ଆଠଗଡ଼ ଉପଖଣ୍ଡର ଆଠଗଡ଼, ତିଗିରିଆ, ବଡ଼ମ୍ବା ଓ ନରସିଂହପୁର ବ୍ଲକରେ ୭୬ଟି ସେବା ସମବାୟସମିତି ମାଧ୍ୟମରେ ଧାନ କିଣା ପାଇଁ ୨୧, ୮୧୪ ଜଣ ଚାଷୀ ପଞ୍ଜିକରଣ କରିଥିଲେ। ମାତ୍ର ସେମାନଙ୍କ ମଧ୍ୟରୁ ୨୧, ୨୯୧ ଜଣ ଧାନ ବିକ୍ରି କରିଥିବା ବେଳେ ୫୨୩ ଜଣ ଚାଷୀ ବାଦ୍ ପଡ଼ିଛନ୍ତି। ଚଳିତ ଖରିଫ୍ ଋତୁରେ ଧାନ କିଣା ଲକ୍ଷ୍ୟ ୬, ୧୭, ୨୮୪ କ୍ୱିଣ୍ଟାଲ ଧାର୍ଯ୍ୟ ହୋଇଥିବା ବେଳେ ବାସ୍ତବରେ ୬, ୧୧, ୨୬୧ କ୍ୱିଣ୍ଟାଲ କିଣାଯାଇଛି। ସମୁଦାୟ ୬, ୪୦୩ କ୍ୱିଣ୍ଟାଲ ଧାନ ଧାର୍ଯ୍ୟ ଲକ୍ଷ୍ୟଠାରୁ କମ୍ କିଣାଯାଇଥିବା ସରକାରୀ ତଥ୍ୟରୁ ସ୍ପଷ୍ଟ ହୋଇଛି। ଆଠଗଡ଼ର ୨୪ଟି ସମିତିରେ ୭୦୦୯ ଜଣ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ ୨, ୧୩, ୭୪୭ କ୍ୱିଣ୍ଟାଲ ଲକ୍ଷ୍ୟ ବଦଳରେ ୨, ୧୨, ୬୯୧ କ୍ୱିଣ୍ଟାଲ କିଣାଯାଇଛି। ତିଗିରିଆର ୧୧ଟି ସମିତିରେ ୨୨୯୭ ଚାଷୀଙ୍କ ମଧ୍ୟରୁ ୬୩, ୮୬୫ କ୍ୱିଣ୍ଟାଲ ଲକ୍ଷ୍ୟ ବଦଳରେ ୬୩, ୧୩୦ କ୍ୱିଣ୍ଟାଲ କିଣାଯାଇଛି। ବଡ଼ମ୍ବାର ୨୧ଟି ସମିତିରେ ୬୦୧୧ ଚାଷୀ ପଞ୍ଜିକୃତ ଥିବା ବେଳେ ୧, ୬୧, ୮୬୯ କ୍ୱିଣ୍ଟାଲ ଲକ୍ଷ୍ୟ ଥିଲା, ମାତ୍ର ୧, ୬୧, ୦୪୧ କ୍ୱିଣ୍ଟାଲ ସଂଗ୍ରହ ହୋଇଛି। ନରସିଂହପୁରର ୨୦ଟି ସମିତିରେ ୫୯୭୪ ଚାଷୀଙ୍କ ମଧ୍ୟରୁ ୧, ୭୭, ୮୦୩ କ୍ୱିଣ୍ଟାଲ ଲକ୍ଷ୍ୟ ବଦଳରେ ୧, ୭୪, ୩୭୯ କ୍ୱିଣ୍ଟାଲ କିଣାଯାଇଛି। ମିଲର ଏବଂ ସରକାରୀ ବିବାଦ ଯୋଗୁଁ ମଣ୍ଡି ପ୍ରକ୍ରିୟା ବାଧାପ୍ରାପ୍ତ ହେବା ସହ ଜମିଜମା ରେକର୍ଡ ଓ କ୍ଷେତ୍ର ପରିଦର୍ଶନ ସମୟରେ ତାଳମେଳ ରହୁ ନ ଥିବା ଦେଖାଯାଇଛି। ଚାଷ ଜମି ପଡ଼ିଆ ରହିବା କିମ୍ବା ପଞ୍ଜିକୃତ ଚାଷୀ ମଣ୍ଡିକୁ ଧାନ ନ ଆଣିବା ଭଳି କାରଣ କୁହାଯାଉଥିଲେ ହେଁ, ଏତେ ସଂଖ୍ୟକ ଚାଷୀ କାହିଁକି ବାଦ୍ ପଡ଼ିଲେ ତାହା ଏବେ ଚର୍ଚ୍ଚାର ବିଷୟ। ଏଥିପାଇଁ ଏକ ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# 'ଆସ ବହିଟିଏ କିଣିବା' କାର୍ଯ୍ୟକ୍ରମ



କଟକ, ୯।୪(ସମିସ): ଓଡିଆ ପୁସ୍ତକ ପଢ଼ା ପ୍ରତି ରୁଚି ବୃଦ୍ଧି କରିବା ତଥା ପ୍ରସିଦ୍ଧ ଓଡିଆ ଲେଖକମାନଙ୍କ ଅନବଦ୍ୟ କୃତିଗୁଡିକ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଆଜି କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆସ ବହିଟିଏ କିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଡ. ଦିବ୍ୟଲୋଚନ ମହାନ୍ତ ଓ ଅତିରିକ୍ତ ଜିଲ୍ଲାପାଳ କମଳଜିତ୍ ଦାସ କାର୍ଯ୍ୟକ୍ରମର ଉଦଘାଟନ କରି ଡିଜିଟାଲ ଯୁଗରେ ପୁସ୍ତକ ପଠନ ପ୍ରତି ଆଗ୍ରହ ସୃଷ୍ଟି କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବହୁ ସଂଖ୍ୟାରେ ଅଧିକାରୀ ଓ କର୍ମଚାରୀ ପୁସ୍ତକ କ୍ରୟ କରିଥିଲେ। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମରେ ରାଜ୍ୟରେ ଏପ୍ରିଲ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡିଆ ପକ୍ଷ ପାଳନ ଅବସରରେ ପ୍ରତ୍ୟେକ ଦିନ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

# ନଳିନୀ ଜିଲ୍ଲା କଂଗ୍ରେସ ଉପସଭାପତି

କନ୍ଦରପୁର, ୯।୪(ସମିସ): ବରିଷ୍ଠ ନାରୀନେତ୍ରୀ ନଳିନୀ ଉଦଗାତା କଟକ ଜିଲ୍ଲା କଂଗ୍ରେସ କମିଟି ଉପସଭାପତି ଭାବେ ମନୋନୀତ ହୋଇଛନ୍ତି। ସେ କଟକ



ସଦର ବ୍ଲକ ଅନ୍ତର୍ଗତ ଫକୀରପଡ଼ା ପଞ୍ଚାୟତ ପୂର୍ବତନ ସରପଞ୍ଚ ଥିଲେ। ତାଙ୍କୁ ଜିଲ୍ଲା କଂଗ୍ରେସ କମିଟି ଉପସଭାପତି ଭାବରେ ମନୋନୀତ କରାଯାଇଥିବାରୁ ସେ ଅଖିଳ ଭାରତୀୟ ଜାତୀୟ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତଚରଣ ଦାସ, ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରଦୀପ୍ତ ଦାସ, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ବରିଷ୍ଠ କଂଗ୍ରେସ ନେତା ତଥା କଟକ ସଦର ବ୍ଲକର ପୂର୍ବତନ ଅଧ୍ୟକ୍ଷ ରତ୍ନାକର ବେହେରା, ପୂର୍ବତନ କଟକ ସଦର ବ୍ଲକ କଂଗ୍ରେସ ସଭାପତି, ଜିଲ୍ଲା କଂଗ୍ରେସ କମିଟି ଅନୁସୂଚିତ ବିଭାଗ ଅଧ୍ୟକ୍ଷ ପ୍ରତାପ ମଲ୍ଲିକ ପ୍ରମୁଖ ବରିଷ୍ଠ କଂଗ୍ରେସ ନେତାଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# ସଚ୍ଚିଦାନନ୍ଦ ଦାସଙ୍କ ପରଲୋକ



କଟକ, ୯।୪(ସମିସ): କଟକ ଚାନ୍ଦିନୀଚୌକ ଅଞ୍ଚଳର ବ୍ୟବସାୟୀ ତଥା ମୁରବୀ ସଚ୍ଚିଦାନନ୍ଦ ଦାସଙ୍କ ଗୁରୁବାର ସକାଳେ ୮୧ ବର୍ଷ ବୟସରେ ପରଲୋକ ହୋଇଯାଇଛି। କିଛିଦିନ ହେବ ମସ୍ତିଷ୍କାଘାତରେ ପୀଡିତ ହେବା ପରେ ଚାନ୍ଦିନୀଚୌକସ୍ଥିତ ବାସଭବନରେ ଚିକିତ୍ସିତ ହେଉଥିଲେ। ତାଙ୍କ ବିୟୋଗ ଖବର ପାଇବା ପରେ କଟକ ସହରର ଅନେକ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶବଧାରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ ବିଷ୍ଣୁପ୍ରିୟା ଦାସ, ଝିଅ ମଧୁସ୍ମିତା ଓ ସସ୍ମିତା, ନାତି ଓ ନାତୁଣୀ ଉପସ୍ଥିତ ଥିଲେ। ସତୀଚଉରା ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଏକମାତ୍ର ପୁତ୍ର ଦେବାଶିଷ ଦାସ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ଦାସଙ୍କ ବିୟୋଗରେ ଚାନ୍ଦିନୀଚୌକ ଅଞ୍ଚଳରେ ଶୋକର ଲହରୀ ଖେଳିଯାଇଛି।

# ଚୌଦ୍ୱାର କଲେଜରେ ଓଡ଼ିଆ ପକ୍ଷ ଉଦ୍‌ଯାପିତ

ଚୌଦ୍ୱାର, ୯।୪(ସମିସ): ଚୌଦ୍ୱାର କଲେଜରେ ଚାଲିଥିବା ଓଡିଆ ପକ୍ଷ ୨୦୨୬ର ଉଦ୍‌ଯାପନୀ ଉତ୍ସବ ଗୁରୁବାର କଲେଜର ଗୋପବନ୍ଧୁ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ତଥା ଓଡିଆ ପକ୍ଷ ପାଳନର ଉପଦେଷ୍ଟା ଡ. ପ୍ରଫୁଲ୍ଲ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ସାହିତ୍ୟିକ, ସଂଳାପ ଲେଖକ ଓ ପ୍ରାବନ୍ଧିକ ବିଜୟ ମଲ୍ଲ, ଗାଳ୍ପିକା ଡ. ଜୟନ୍ତୀ ସାହୁ, ସମ୍ମାନିତ ଅତିଥି ଭାବେ ପୌରନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ର, ଅଧ୍ୟକ୍ଷା ରଶ୍ମୀ ରାଉତରାୟ, ପ୍ରାଧ୍ୟାପକ ପ୍ରଭାକର ମିଶ୍ର, ହରପ୍ରିୟା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସ୍ଥାନୀୟ ଅଞ୍ଚଳର ସାହିତ୍ୟିକ ଓ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ସିଦ୍ଧେଶ୍ୱର ନାୟକଙ୍କ ପାଲା ପରିବେଷଣ ଦର୍ଶକଙ୍କ ପ୍ରଶଂସା ଭାଜନ ହୋଇଥିଲା। କାଉନସିଲର ଆଶୁତୋଷ ଦାସ, ଖବରଦାତା ବିଶ୍ୱଜିତ ଭଞ୍ଜ, ବିମଳ ବେଉରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଲେଜର ଡ. ସସ୍ମିତା କର, ବନିତା ସ୍ୱାଇଁ, ଡ. ନିରୂପମା ପରିଡ଼ା, ଦୀପକ ବେହେରା, ଯୁକ୍ତେଶ୍ୱର ଦାସ, ସୁମନ୍ତ ସାହୁ, ଦେବାଶିଷ ଷଡଙ୍ଗୀ, ଶୁଭସ୍ମିତା ଭୂୟାଁ, ମମତା ସାହୁ, ସନ୍ଦୀପ ସାମଲ, ସବିତା ମହାନ୍ତି, ରଚିତା ବେହେରା, ସ୍ୱାଭିମାନ ସାମନ୍ତରାୟ, ଅଶୋକ ଦାସ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।



# ପାଚିକା ସଂଘ ପକ୍ଷରୁ ବିକ୍ଷୋଭ



ସାଲେପୁର, ୯।୪(ସମିସ): ଆଜି ସାଲେପୁର ବ୍ଲକର ଶତାଧିକ ପାଚିକା ଓ ସହାୟିକା ୭ ଦଫା ଦାବି ନେଇ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ନିଖିଳ ଉତ୍କଳ ପାଚିକା ସଂଘ ପକ୍ଷରୁ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବାବେଳେ ସିପିଆଇ କମ୍ୟୁନିଷ୍ଟ ପାର୍ଟିର ଏଆଇଟିୟୁସି ପକ୍ଷରୁ ଏହାକୁ ସମର୍ଥନ କରାଯାଇଥିଲା। ସାଲେପୁର ବ୍ଲକର ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ପାଚିକା ଓ ସହାୟିକାମାନେ ୪ ମାସ ଧରି ଦରମା ପାଇ ନ ଥିବାବେଳେ ସେମାନଙ୍କୁ ତୁରନ୍ତ ଦରମା ପ୍ରଦାନ କରିବା, ବର୍ଷକୁ ୧୦ ମାସ ପରିବର୍ତ୍ତେ ୧୨ ମାସର ଦରମା ଦେବା, ଅବସରର ସମୟ ସୀମା ବୃଦ୍ଧି କରିବା ଏବଂ ଅବସର ପରେ ମାସିକ ଭତ୍ତା ପ୍ରଦାନ ସମେତ ୭ ଦଫା ଦାବିନେଇ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା। ପାଚିକା ସହାୟିକାମାନଙ୍କ ଏହି ଆନ୍ଦୋଳନକୁ ସମର୍ଥନ କରି କମ୍ୟୁନିଷ୍ଟ ପାର୍ଟି ଏଆଇଟିୟୁସିର କାର୍ଯ୍ୟକାରୀ ସଭାପତି ଉଦୟକେଶରୀ ବର୍ମା, ବାମପନ୍ଥୀ ନେତ୍ରୀ ରଶ୍ମିତା ତ୍ରିପାଠୀ, ସିପିଆଇ ନେତା ଅମରେନ୍ଦୁ ମହାନ୍ତି ଏହି ଆନ୍ଦୋଳନରେ ସାମିଲ ହେବା ସହ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ମଣ୍ଡଳ ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିଥିଲେ।

# ଗୋପୀନାଥପୁର ଶାସନରେ ବାଦୀପାଲା ଉଦ୍‌ଯାପିତ

ତିଗିରିଆ, ୯।୪(ସମିସ): ତିଗିରିଆ ବ୍ଲକ ନିଜିଗଡ଼ ପଞ୍ଚାୟତ ଗୋପୀନାଥପୁର ଶାସନ ଗ୍ରାମର ଶ୍ରୀ ଜଗନ୍ନାଥ ମନ୍ଦିର ନିକଟ ଦୋଳମଣ୍ଡପରେ ୫ ଦିନ ଧରି ଚାଲିଥିବା ବାଦୀ ପାଲା ଗୁରୁବାର ଉଦଯାପିତ ହୋଇଯାଇଛି। ଶ୍ରୀ ଶ୍ରୀ ସତ୍ୟ ନାରାୟଣ ପୂଜା କମିଟି ସଦସ୍ୟ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ୧୯୭୭ରୁ ଅନୁଷ୍ଠିତ ହୋଇଆସୁଥିବା ଏହି ବାଦୀ ପାଲା ଚଳିତ ବର୍ଷ ୫୦ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠାନ ପକ୍ଷରୁ ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯାଇଥିଲା। ଏହି ଅବସରରେ ଗାୟକ ଜ୍ଞାନସାଗର ଉଲ୍ଲାସଚନ୍ଦ୍ର ଷଡଙ୍ଗୀ ଓ ଗାୟକ ଭାସ୍କର ନିରଞ୍ଜନ ବାହିନୀପତିଙ୍କ ସମେତ ଅନ୍ୟ କିଛି ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ୫ ଦିନ ଧରି ଏହି ପାଲାରେ ସାହିତ୍ୟ ଚର୍ଚ୍ଚା ସହ ବେଦ, ପୁରାଣ, ବିଭିନ୍ନ କାବ୍ୟ ସହ ଭାରତୀୟ ସଂସ୍କୃତି, ଐତିହ୍ୟ ଉପରେ ଆଲୋଚନା କରାଯାଇଥିବା ବେଳେ ଗୋପୀନାଥପୁର ଶାସନ ଗ୍ରାମବାସୀଙ୍କ ସମେତ ଆଖପାଖ ଗ୍ରାମର ଶତାଧିକ ଜନସାଧାରଣ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଗ୍ରାମର ଶ୍ରୀ ଶ୍ରୀ ସତ୍ୟନାରାୟଣ ପୂଜା କମିଟିର ସଦସ୍ୟ, ଗ୍ରାମବାସୀ ସହଯୋଗ କରିଥିଲେ।



# ମଦ ଜବତ, ଜଣେ ଗିରଫ



ସାଲେପୁର, ୯।୪(ସମିସ): ଗତକାଲି ରାତ୍ରିରେ ରାସ୍ତା ପାର୍ଶ୍ୱରେ ଚୋରା ମଦ ବିକ୍ରୟ କରାଯାଉଥିବାବେଳେ ସାଲେପୁର ପୁଲିସ ଚଢ଼ଉ କରି ୩୫ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରିବା ସହ ଚୋରା ମଦ ବ୍ୟବସାୟୀକୁ ଗିରଫ କରିଥିବା ଜଣାଯାଇଛି। ଅଭିଯୁକ୍ତ ହେଉଛି ସାଲେପୁର ବ୍ଲକ ମହଣ ଗ୍ରାମର ଅଜୟ ବେହେରା (୪୯)। ପୁଲିସ ଚଢ଼ଉ କରି ତା' ନିକଟରୁ ୩୦ଲିଟର ବିଦେଶୀ ମଦ ଓ ୫ଲିଟର ଦେଶୀ ମଦ ଜବତ କରିବା ସହ ଅଜୟକୁ ଗିରଫ କରିଛି। ସାଲେପୁର ଥାନାରେ ୨୧୫/୨୦୨୬ରେ ମାମଲା ରୁଜୁ କରାଯାଇ ଅଜୟକୁ କୋର୍ଟଚାଲାଣ କରାଯାଇଛି।

# ସୁକରପଡ଼ା ପଞ୍ଚାୟତରେ ଖୋଲିଲା ଉଚ୍ଚ ବିଦ୍ୟାଳୟ




ନିଶ୍ଚିନ୍ତକୋଇଲି, ୯।୪(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ସୁକରପଡ଼ା ଗ୍ରାମ ପଞ୍ଚାୟତବାସୀଙ୍କ ଦୀର୍ଘ ଦିନର ପ୍ରତୀକ୍ଷାର ଅନ୍ତ ଘଟିଛି। ସ୍ଥାନୀୟ ଅଞ୍ଚଳରେ ଏକ ଉଚ୍ଚ ବିଦ୍ୟାଳୟ ନ ଥିବାରୁ ଛାତ୍ରଛାତ୍ରୀମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ଏବେ ସୁକରପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଉଚ୍ଚ ବିଦ୍ୟାଳୟରେ ଉନ୍ନୀତ କରାଯାଇଛି। ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ଉଦ୍ୟମ ଯୋଗୁଁ ଚଳିତ ୨୦୨୬-୨୭ ଶିକ୍ଷାବର୍ଷରୁ ଏଠାରେ ନବମ ଶ୍ରେଣୀ ଖୋଲିବା ପାଇଁ ରାଜ୍ୟ ଶିକ୍ଷା ବିଭାଗ ନିର୍ଦ୍ଦେଶନାମା ଜାରି କରିଛି। ସୂଚନାଯୋଗ୍ୟ ଯେ ନିଶ୍ଚିନ୍ତକୋଇଲି ବ୍ଲକର ୪୧ଟି ପଞ୍ଚାୟତ ମଧ୍ୟରୁ କେବଳ ସୁକରପଡ଼ାରେ ହାଇସ୍କୁଲ ସୁବିଧା ନ ଥିଲା। ଫଳରେ ଅଷ୍ଟମ ଶ୍ରେଣୀ ପରେ ଛାତ୍ରଛାତ୍ରୀମାନେ ନବମ ଓ ଦଶମ ଶ୍ରେଣୀରେ ପାଠ ପଢ଼ିବା ପାଇଁ ପ୍ରାୟ ୩-୪ କିଲୋମିଟର ଦୂରରେ ଥିବା ଜୁଲିକିପଡ଼ା, କୁଲସୁକରପଡ଼ା କିମ୍ବା ଝାଡ଼େଶ୍ୱରପୁର ଉଚ୍ଚ ବିଦ୍ୟାଳୟ ଉପରେ ନିର୍ଭର କରୁଥିଲେ। ବିଧାୟକଙ୍କ ପ୍ରଚେଷ୍ଟାରେ ସୁକରପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ନବମ ଶ୍ରେଣୀ ଶିକ୍ଷାଦାନ ପାଇଁ ଅନୁମତି ମିଳିଛି। ପ୍ରଥମ ବର୍ଷରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ନାମ ଲେଖାଇଥିବା ଜଣାପଡ଼ିଛି। ନିଜ ପଞ୍ଚାୟତରେ ଉଚ୍ଚଶିକ୍ଷାର ସୁବିଧା ହୋଇଥିବାରୁ ଛାତ୍ରଛାତ୍ରୀ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ଖେଳିଯାଇଛି।

# ଓଡ଼ିଆ ପକ୍ଷରେ ଶିଶୁ କଥା ଦିବସ

କଟକ, ୯।୪(ସମିସ): 'ଓଡ଼ିଆ ପକ୍ଷ -୨୦୨୬' ଅବସରରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ 'ଶିଶୁ କଥା ଦିବସ' ପାଳିତ ହୋଇଯାଇଛି। କଟକ ଜିଲ୍ଲା ପ୍ରଶାସନ ଓ ସଂସ୍କୃତି ପରିଷଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଶିଶୁମାନଙ୍କ ମଧ୍ୟରେ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଆଗ୍ରହ ସୃଷ୍ଟି କରିବା। କାର୍ଯ୍ୟକ୍ରମର ମୁଖ୍ୟଆକର୍ଷଣ ଭାବେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ 'ମଧୁ ବର୍ଣ୍ଣବୋଧ' ଏବଂ ବିଭିନ୍ନ 'ଶିଶୁ ଲେଖା' ପୁସ୍ତିକା ବଣ୍ଟନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକଶିକ୍ଷୟିତ୍ରୀଙ୍କ ସମେତ ସମସ୍ତ ଶିକ୍ଷକ ସହଯୋଗ କରିଥିଲେ।

ସ୍ୱାସ୍ଥ୍ୟସେବା ଓ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ

# ନନ୍ଦନକାନନ ସାଜିଛି 'ଡେଥ୍ ଜୋନ୍'

ବାରଙ୍ଗ, ୯।୪(ସମିସ)

● ମାସକରେ ଦ୍ୱିତୀୟ ଜଙ୍ଗଲୀ କୁକୁରର ମୃତ୍ୟୁ

● ଗୋଟିଏ ଗଧିଆ ଛୁଆର ମୃତ୍ୟୁ ପରେ ଅନ୍ୟ ଦୁଇଟି ଗୁରୁତର

● କର୍ତ୍ତୃପକ୍ଷଙ୍କ ଅବହେଳାରୁ ନିରୀହ ଜନ୍ତୁଙ୍କ ଜୀବନ ଯାଉଥିବା ଅଭିଯୋଗ

ବିଶ୍ୱପ୍ରସିଦ୍ଧ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଏବେ ଜୀବଜନ୍ତୁଙ୍କ ପାଇଁ ସୁରକ୍ଷିତ ନାହିଁ। କର୍ତ୍ତୃପକ୍ଷଙ୍କ ଚରମ ଅବହେଳା ଓ ରକ୍ଷଣାବେକ୍ଷଣର ଅଭାବ ଯୋଗୁଁ ନନ୍ଦନକାନନ ଏବେ ଜନ୍ତୁଙ୍କ ପାଇଁ 'ଡେଥ୍ ଜୋନ୍' ବା ମୃତ୍ୟୁର ଯନ୍ତା ପାଲଟିଛି। ଆଜି ପୁଣି ଏକ ନିରୀହ ଜଙ୍ଗଲୀ କୁକୁରର ମୃତ୍ୟୁ ଘଟିଛି। ଗତ ମାର୍ଚ୍ଚ ୮ ତାରିଖରେ ଗୋଟିଏ ଏବଂ ଠିକ୍ ମାସକ ପରେ ଆଜି ଦ୍ୱିତୀୟ ଜଙ୍ଗଲୀ କୁକୁରର ମୃତ୍ୟୁ ଘଟଣା ପ୍ରାଣୀ ଉଦ୍ୟାନର ସ୍ୱାସ୍ଥ୍ୟସେବା ଓ ଆନ୍ତରିକତା ଉପରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, ନନ୍ଦନକାନନର ପରିସର, ଜଳ ଯୋଗାଣ ଓ ସ୍ୱାସ୍ଥ୍ୟ ବ୍ୟବସ୍ଥାର ମୂଲ୍ୟାଙ୍କନ କରିବା ପାଇଁ ବର୍ତ୍ତମାନ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷ (ସିଜେଡଏ)ଙ୍କ ଏକ ସ୍ୱତନ୍ତ୍ର ଟିମ୍ ଏଠାରେ ଡେରା ପକାଇଛନ୍ତି। ଠିକ୍ ଏହି ସମୟରେ ବିଶାଖାପାଟଣାରୁ ବହୁ ଆଶା ଓ ବିଶ୍ୱାସର ସହ ଅଣାଯାଇଥିବା ଏହି ଅତିଥି ପଶୁଟିର ମୃତ୍ୟୁ ପ୍ରଶାସନର ପାରିବାପଣିଆର ଗୁମର ଖୋଲିଦେଇଛି। କୋଟି କୋଟି ଟଙ୍କା ଜନ୍ତୁଙ୍କ ସୁରକ୍ଷା ପାଇଁ ଖର୍ଚ୍ଚ ହେଉଥିବା ଦର୍ଶାଯାଉଥିଲେ ମଧ୍ୟ ବାସ୍ତବରେ ସେମାନଙ୍କର ଯତ୍ନ ନିଆଯାଉଛି କି ନାହିଁ, ତାହା ଏବେ ସନ୍ଦେହଜନକ। ଏହି ମୃତ୍ୟୁ ପରେ ନନ୍ଦନକାନନରେ ଜଙ୍ଗଲୀ କୁକୁରଙ୍କ ସଂଖ୍ୟା ହ୍ରାସ ପାଇ ମାତ୍ର ୪ରେ ପହଞ୍ଚିଛି। ତେବେ କର୍ତ୍ତୃପକ୍ଷ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପୂର୍ବରୁ ଏହାକୁ ଏକ 'ସାଧାରଣ ଘଟଣା' କହି ନିଜ ଦୋଷ ଲୁଚାଇବାକୁ ଚେଷ୍ଟା କରୁଛନ୍ତି। କେବଳ ଜଙ୍ଗଲୀ କୁକୁର ନୁହେଁ, ବରଂ ଗଧିଆ ଖୁଆଡ଼ରେ ମଧ୍ୟ ଅଘଟଣ ଦେଖିବାକୁ ମିଳିଛି। ଗତ ସପ୍ତାହରେ ଗୋଟିଏ ଗଧିଆ ଛୁଆର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇଟି ଛୁଆ ତରଳ ଝାଡ଼ାରେ ଆକ୍ରାନ୍ତ ହୋଇ ବର୍ତ୍ତମାନ ଡାକ୍ତରଖାନାରେ ଜୀବନ ମରଣ ସହ ସଂଗ୍ରାମ କରୁଛନ୍ତି। ଜନ୍ତୁଟି କେଉଁ ପରିସ୍ଥିତିରେ ରୋଗାକ୍ରାନ୍ତ ହେଲା ଏବଂ ତା'ର ଚିକିତ୍ସାରେ କାହାର ଅବହେଳା ରହିଛି, ତା'ର ଏକ ନିରପେକ୍ଷ ତଦନ୍ତ କରିବା ଏବେ ଜରୁରୀ ହୋଇପଡ଼ିଛି। ବନ୍ୟଜନ୍ତୁ ପ୍ରେମୀ ଏହି ଘଟଣା ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ନନ୍ଦନକାନନର ଗୌରବ ମଳିନ ପଡ଼ିଯିବାର ଆଶଙ୍କା ରହିଛି।

# କାଳବୈଶାଖୀରେ ଶହ ଶହ ଏକର୍ ମକା ଚାଷ ନଷ୍ଟ

ତିଗିରିଆ, ୯।୪(ସମିସ): ଆଠଗଡ଼ ଉପଖଣ୍ଡ ଅନ୍ତର୍ଗତ ଆଠଗଡ଼ ଓ ତିଗିରିଆ ବ୍ଲକରେ କାଳବୈଶାଖୀର ପ୍ରାଦୁର୍ଭାବ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ପ୍ରତିଦିନ ଅପରାହ୍ନରେ ତୁହାକୁ ତୁହା ପ୍ରବଳ ପବନ ସହ ବର୍ଷା ଯୋଗୁଁ ସାଧାରଣ ଜୀବନଯାତ୍ରା ବ୍ୟାହତ ହେବା ସହ ଚାଷୀକୁଳ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ବିଶେଷ କରି ଚଳିତ ଖରାଟିଆ ଋତୁରେ କରାଯାଇଥିବା ମିଠା ମକା ଚାଷ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ ଯେ ଗତ ସପ୍ତାହ ମଧ୍ୟରେ ସଂଗଠିତ ଦୁଇ ଦୁଇଟି କାଳବୈଶାଖୀ ଯୋଗୁଁ ଆଠଗଡ଼ ବ୍ଲକର ଇଛାପୁର, ସମସରପୁର, ଝାଜିଆ, ଗୁଡୁପଡ଼ା ଏବଂ ତିଗିରିଆ ବ୍ଲକର ରଘୁରାମପୁର, କଣ୍ଟିପୁର ଓ ଗଦାଧରପୁର ଆଦି ଅଞ୍ଚଳରେ ଶହ ଶହ ହେକ୍ଟର ଜମିରେ ଲଗାଯାଇଥିବା ମକା ଗଛଗୁଡ଼ିକ ଶୋଇ ପଡ଼ିଛି। ଅମଳ ସମୟ ପାଖେଇ ଆସୁଥିବା ବେଳେ ପ୍ରକୃତିର ଏହି କୋପ ମକା ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି। ବର୍ଷା ଓ ପବନ ଯୋଗୁଁ ଲୋକେ ଘରୁ ବାହାରିବାକୁ ଭୟ କରୁଥିବା ବେଳେ ଚାଷୀମାନେ ନିଜର ବର୍ଷକର ଶ୍ରମ ନଷ୍ଟ ହେଉଥିବା ଦେଖି ଚିନ୍ତାରେ ପଡ଼ିଛନ୍ତି। ଚାଷୀମାନେ ଧାର କରଜ କରି ଚାଷ କରିଥିବା ବେଳେ ଏହି କ୍ଷୟକ୍ଷତି ସେମାନଙ୍କୁ ଆର୍ଥିକ ସଙ୍କଟ ମଧ୍ୟକୁ ଠେଲି ଦେଇଛି। କୃଷି ବିଭାଗ ପକ୍ଷରୁ ତୁରନ୍ତ କ୍ଷୟକ୍ଷତିର ଆକଳନ କରାଯାଇ ବିପର୍ଯ୍ୟସ୍ତ ଚାଷୀଙ୍କୁ ଉପଯୁକ୍ତ ସରକାରୀ ସହାୟତା ଓ କ୍ଷତିପୂରଣ ପ୍ରଦାନ କରିବାକୁ ଅଞ୍ଚଳବାସୀ ଏବଂ ଚାଷୀ ସଂଗଠନ ପକ୍ଷରୁ ଦୃଢ଼ ଦାବି ହୋଇଛି।



